## • କଠିନ ଶବ୍ଦର ଅର୍ଥ

ପ୍ରୟୋଜନୀୟ - ଦରକାର
ଆଦାନପ୍ରଦାନ - ଦେବାନେବା / ନେଣଦେଣ
ଆହାରୀୟ - ଆହାରଯୋଗ୍ୟ
ବୃଷ୍ଟି - ବର୍ଷା
ଆଧିକ୍ୟ - ବୃଦ୍ଧି
କ୍ଷୟ - ନଷ୍ଟ
ଲୋଡ଼େ - ଦରକାର କରେ
ପର୍ଣ୍ଣକୁଟୀର - ପତ୍ର କୁଡ଼ିଆ
ସୁରମ୍ୟ - ଖୁବ୍ ସୁନ୍ଦର
ହର୍ମ୍ୟ - କୋଠାଘର
ନାନାବିଧ - ନାନାପ୍ରକାର
ବାସ - ଘର
ବହୁବିଧ - ଅନେକ ପ୍ରକାର
ବସନ - ବସ୍ତ୍ର
ଭୂଷଣ - ଅଳଙ୍କାର
ଶ୍ରାନ୍ତ - କ୍ଲାନ୍ତ
ଅବସନ୍ନ -
ଅବସାଦ - ଦୁଃଖ
ଅପନୟନ - ଦୂରୀକରଣ
ଶ୍ରାନ୍ତି - ବିଶ୍ରାମ
ଅତିଭୂମି - ଅଧିକ ଭୂମି
ବିଳାସିତା - ବିଳାସର ଆଧିକ୍ୟ
ଉନ୍ମୁକ୍ତ - ଖୋଲା
ସହସ୍ର - ହଜାର
ସହୋଦର - ଭାଇ
ଆଖ୍ୟାତ - ପରିଚିତ

ଅଙ୍କୁର - ଗଜା
ବିନିମୟ - ବଦଳ
ତଦାନୀନ୍ତନ - ସେ ସମୟର
ମୁଦ୍ରା - ଟଙ୍କା
ଅସ୍ତିତ୍ୱ - ସ୍ଥିତି
ସ୍ୱସ୍ୱ - ନିଜ ନିଜର
ଅତିଶୟ - ଅତି ଅଧିକ
ବହୁଳୀଭୂତ - ଖୁବ୍ ଅଧିକ
ଅପ୍ରାଚୁର୍ଯ୍ୟ - ଅଭାବ
କ୍ରୟ-ବିକ୍ରୟ - କିଣାବିକା
ପ୍ରଥିତ - ପ୍ରସିଦ୍ଧ
ବାହୁଲ୍ୟ - ବହୁଳତା
ବ୍ୟତିରେକେ - ବିନା
ଅପ୍ରକୃଷ୍ଟ - ନିକୃଷ୍ଟ
ପଚ୍ୟ - ରନ୍ଧନଯୋଗ୍ୟ
ହରୀତକୀ - ହରିଡ଼ା
ଇନ୍ଧନ - ଜାଳେଣୀ
କାଷ୍ଠ - କାଠ
ପର୍ଣ୍ଣ - ପତ୍ର
ଖନି - ଖଣି
ନବୀନ - ନୂଆ
ସହାୟ - ସାହାଯ୍ୟକାରୀ
ପୋଷଣ - ପୁଷ୍ଟିସାଧନ
ଶକଟ - ଶଗଡ଼
ପୋତ - ଜାହାଜ
ସମୀରଣ - ପବନ
ଅଚିନ୍ତିତ - ଚିନ୍ତାର ବାହାରେ

| | |
|---|---|
| ଧାବିତ - ଧାଉଁଥିବା | ସନ୍ନିହିତ - ନିକଟବର୍ତ୍ତୀ |
| ଭିଆଇବା - ତିଆରିବା | ଯବଦ୍ୱୀପ - ଯାଭାଦ୍ୱୀପ |
| ଲୌହବର୍ତ୍ମ - ଲୁହାର ପଥ | ତାମ୍ରଲିପ୍ତି - ପ୍ରାଚୀନ ତମଲୁକ |
| ବଳୀବର୍ଦ୍ଦ - ବଳଦ | ଉତ୍କର୍ଷ - ଉନ୍ନତି |
| ମହିଷ - ମଇଁଷି | ସର୍ବାପେକ୍ଷା - ସବୁ ଅପେକ୍ଷା |
| ଅଶ୍ୱ - ଘୋଡ଼ା | ଉପନିବିଷ୍ଟ - ଉପନିବେଷ୍ଟ ସ୍ଥାପନ କରିଥିବା |
| ଉଷ୍ଟ୍ର - ଓଟ | |
| ଭାସାନ୍ତରାଗତ - ଭାସୁଥିବା | ନିକେତନ - ଘର |
| ଜନନୀ - ମାଆ | ଅନଭିଜ୍ଞ - ଅଜଣା / ଅଭିଜ୍ଞତା ନଥିବ |
| ପ୍ରସୂତୀ - ଜନନୀ | ତଦ୍ଦେଶୀୟ - ସେଇ ଦେଶର |
| ସ୍ୱୀୟ - ନିଜର | ସାମ୍ରାଜ୍ଞୀ - ରାଣୀ |
| ସହିଷ୍ଣୁ - ସହିପାରୁଥିବା | କତିପୟ - କେତେକ |
| ବିକୃତିଗ୍ରସ୍ତ - ବିକାରଗ୍ରସ୍ତ | ଉଚ୍ଚାବଚ - ଉଚ୍ଚନୀଚ |
| ଅତିହୀନ - ଅତି ଖରାପ | ଅଭିହିତ - କଥିତ |
| ଇତିବୃତ୍ତ - କଥା | ବାଷ୍ପୀୟଶକଟ - ରେଳଗାଡ଼ି |
| ପ୍ରାରମ୍ଭ - ଆରମ୍ଭ | ବନ୍ଧୁର - ଆବଡ଼ାଖାବଡ଼ା |

## ● କ୍ଷୁଦ୍ର ଉତ୍ତରମୂଳକ

୧। ମନୁଷ୍ୟ କାହିଁକି ଆଶ୍ରୟ ଲୋଡ଼େ ?

ଉ– ଗ୍ରୀଷ୍ମ, ବର୍ଷା, ହେମନ୍ତ, ଶୀତ ଦାଉରୁ ଶରୀରକୁ ରକ୍ଷା କରିବା ପାଇଁ ସେ ପ୍ରକାର ଆଶ୍ରୟ ଲୋଡ଼େ।

୨। ମନୁଷ୍ୟ କିପରି ନୂତନ ଅଭାବର ଅବତାରଣା କରେ ?

ଉ– ଲଜ୍ଜା ନିବାରଣ, ବିଭିନ୍ନ କାର୍ଯ୍ୟ କରିବା ପାଇଁ, ଶରୀର ପୋଷଣ, ରୋଗ ଉ... ବିଶ୍ରାମ, ସ୍ୱାସ୍ଥ୍ୟର ଉନ୍ନତି ପାଇଁ ମଣିଷ ଅନେକ ଦ୍ରବ୍ୟ ଆବଶ୍ୟକ କରେ। ବିଳାସିତା ବଢ଼ିଲେ ନୂତନ ଅଭାବ ସେ ଅନୁଭବ କରେ।

୩। ବାଣିଜ୍ୟ କିପରି ସାମାଜିକ ଅବସ୍ଥାର ଉନ୍ନତି ଘଟାଏ ?

ଉ– ମଣିଷର ଆବଶ୍ୟକତା ପୂରଣ ପାଇଁ ଯାହାସବୁ ଦରକାର ତାହା ନିଜ ଦେ... ମିଳି ନପାରେ। ଏଣୁ ଅନ୍ୟ ଦେଶରୁ ଆଣିବାକୁ ପଡ଼ିଥାଏ। ବିନିମୟ ମା...

ଆଗରୁ ଅଭାବ ପୂରଣ ହୋଇ ପାରୁଥିଲା । କ୍ରମେ ମୁଦ୍ରା ସୃଷ୍ଟି ହେବାରୁ କ୍ରୟ-ବିକ୍ରୟ ପ୍ରଥା ପ୍ରଚଳିତ ହେଲା । ଫଳରେ ମନୁଷ୍ୟର ସାମାଜିକ ଅବସ୍ଥାରେ ଉନ୍ନତି ସାଧିତ ହେଲା ।

**୪ । ବାଣିଜ୍ୟ ଓ ମୁଦ୍ରା ମଧ୍ୟରେ ସମ୍ପର୍କ କିପରି ଲେଖ ?**

ଉ– ବାଣିଜ୍ୟ ଓ ମୁଦ୍ରା ମଧ୍ୟରେ ସମ୍ପର୍କ ଖୁବ୍ ଘନିଷ୍ଠ । ମୁଦ୍ରା ବିନା କ୍ରୟବିକ୍ରୟ ସହଜ ହୋଇପାରେ ନାହିଁ । ମୁଦ୍ରାବାହୁଲ୍ୟ ବାଣିଜ୍ୟର ପରିସୀମାକୁ ପରିବ୍ୟାପ୍ତ କରିଥାଏ ।

**୫ । ବାଣିଜ୍ୟର ଚତୁର୍ବିଧ ଅଙ୍ଗ ସମ୍ପର୍କରେ ବର୍ଣ୍ଣନା କର ।**

ଉ– ମୁଦ୍ରା, କୃଷି, ଶିଳ୍ପ ଏବଂ ଯାନ, ଏଇ ଚାରିଟି ହେଉଛନ୍ତି ବାଣିଜ୍ୟର ଚତୁର୍ବିଧ ଅଙ୍ଗ । ମୁଦ୍ରା ବିନା ବାଣିଜ୍ୟରେ ଉନ୍ନତି ସାଧିତ ହୋଇପାରେ ନାହିଁ । ଆମର ଯେତେସବୁ ଆବଶ୍ୟକତା ସେସବୁ କୃଷି ଓ ଶିଳ୍ପ ଉପରେ ନିର୍ଭର କରିଥାଏ । ଯାନ ବିନା ପରିବହନ ପ୍ରକ୍ରିୟା ସମ୍ଭବ ହୋଇପାରେ ନାହିଁ ।

**୬ । ବାଣିଜ୍ୟ କିପରି ଯାନ ସାପେକ୍ଷ ?**

ଉ– ଯାନ ବିନା ବାଣିଜ୍ୟ କାରବାର ସମ୍ଭବ ହୋଇପାରେ ନାହିଁ । ପ୍ରାଚୀନ କାଳରେ ବଳଦ, ମଇଁଷି, ଓଟ ମାଧ୍ୟମରେ ବିଭିନ୍ନ ଦ୍ରବ୍ୟ ଗୋଟିଏ ସ୍ଥାନରୁ ଅନ୍ୟତ୍ର ନିଆ ଯାଉଥିଲା । କ୍ରମେ ଶଗଡ଼ ତିଆରି ହେଲା । ତା'ଦ୍ୱାରା ଅଧିକ ଦ୍ରବ୍ୟ ନିଆଯାଇ ପାରିଲା । ବିଜ୍ଞାନର ଉନ୍ନତି ହେବା ସଙ୍ଗେ ସଙ୍ଗେ ରେଳ, ଜାହାଜ, ଟ୍ରକ, ଉଡ଼ାଜାହାଜ ଆଦି ତିଆରି ହେଲା । ବାଣିଜ୍ୟ କାରବାର ବ୍ୟାପକ ହେଲା କାରଣ ବିଭିନ୍ନ ଯାନ ମାଧ୍ୟମରେ ଜିନିଷପତ୍ର ଶୀଘ୍ର ଏବଂ ସହଜରେ ନେବା ଆଣିବା କରିବା ସମ୍ଭବ ହେଲା । ଏଣୁ ବାଣିଜ୍ୟ ଯାନ ସାପେକ୍ଷ ।

**୭ । ରେଳବାଟ ସମ୍ପର୍କରେ ଯାହା ଜାଣ ଲେଖ ।**

ଉ– ରେଳପଥ ଲୁହାପାତରେ ତିଆରି ହୋଇଥାଏ । ଏହାକୁ ଲୌହପଥ ମଧ୍ୟ କୁହାଯାଏ । ଏହାକୁ ସିଧା ସଳଖ ଭାବରେ ତିଆରି କରାଯାଇଥାଏ । ଉଚ୍ଚନୀଚ ହେଲେ ତା' ଉପରେ ରେଳ ଚାଲି ପାରିବ ନାହିଁ ।

**୮ । ଦେଶ ଭେଦରେ ଇତର ଶକଟମାନ କିପରି ବ୍ୟବହୃତ ହୁଏ ?**

ଉ– ଇତରଶକଟମାନ ଦେଶ ଭେଦରେ ବଳଦ, ମଇଁଷି ଏବଂ ଘୋଡ଼ାଦ୍ୱାରା ଚାଳିତ ହୋଇଥାଏ । ବନ୍ଧୁର ପାର୍ବତ୍ୟ ଅଞ୍ଚଳରେ ପରିବହନ ପାଇଁ ମଇଁଷିକୁ ମାଧ୍ୟମ କରାଯାଇଥାଏ ।

୯। ବାଣିଜ୍ୟ ଅତିହୀନଦଶା ପ୍ରାପ୍ତ ହୁଏ କିପରି ?

ଉ- ମଣିଷ ଯେଉଁ ପରିମାଣରେ ବିକାରଗ୍ରସ୍ତ, ଅଳସୁଆ, ଚରିତ୍ରହୀନ ହୁଏ, ତା ହାତରେ ବାଣିଜ୍ୟ ସେଇ ପରିମାଣରେ ଶ୍ରୀହୀନ ହୋଇ ଶେଷରେ ଅତିହୀନ ଦଶା ପ୍ରାପ୍ତ ହୁଏ।

୧୦। କର୍ମଶୀଳତା ବାଣିଜ୍ୟର ଜନନୀ କିପରି ?

ଉ- କର୍ମଶୀଳତା ମଣିଷର ଗୋଟିଏ ଧର୍ମ। କର୍ମକୁଣ୍ଠ ମଣିଷ କୌଣସି କ୍ଷେତ୍ରରେ ଅଗ୍ରଗତି କରିପାରେ ନାହିଁ। ଯିଏ କର୍ମଠ, କର୍ତ୍ତବ୍ୟପରାୟଣ ସେ ସବୁଠି ଜୟ ଲାଭ କରିଥାଏ। ବାଣିଜ୍ୟର ଅଙ୍ଗ ସଦୃଶ କୃଷି, ଶିଳ୍ପ କର୍ମଚଞ୍ଚଳତା ବିନା ସଫଳ ହୁଏ ନାହିଁ। ଏଣୁ କର୍ମଶୀଳତା ହିଁ ବାଣିଜ୍ୟର ଜନନୀ।

୧୧। ପ୍ରାଚୀନ କାଳରେ କେଉଁ କେଉଁ ଦେଶରେ ବାଣିଜ୍ୟ ବେ ଲୋକପ୍ରିୟତା ଲାଭ କରିଥିଲା ?

ଉ- ଅତୀତରେ ଭାରତ, ଫିନିସିଆ, କାର୍ଥେଜ, ଟ୍ରୟ, ଗ୍ରୀସ୍, ଆଥେନ୍ସ ଆଦି ଦେଶ ଲୋକେ ବାଣିଜ୍ୟରେ ଲୋକପ୍ରିୟତା ଅର୍ଜନ କରିଥିଲେ। ଭେନିସ ବା ଭିନି ଥିଲା ଅନ୍ୟତମ ଶ୍ରେଷ୍ଠ ବାଣିଜ୍ୟ ନଗରୀ।

୧୨। ଗ୍ରୀସ ଦେଶ କିପରି ବାଣିଜ୍ୟରେ ବିସ୍ତାର ଲାଭ କରିଥିଲା ?

ଉ- ପ୍ରାଚୀନ ଗ୍ରୀସୀୟମାନେ ବାଣିଜ୍ୟ କୁଶଳ ଥିଲେ। ଆଥେନ୍ସ ନଗରୀ ବେଶ ସମୃ ଥିଲା। ଗ୍ରୀସୀୟମାନେ ଭୂମଧ୍ୟ ସାଗରୀୟ ଦ୍ୱୀପମାନଙ୍କରେ ବାଣିଜ୍ୟ କରୁଥିଲେ

## ● ଅତିକ୍ଷୁଦ୍ର ଉତ୍ତରମୂଳକ

୧୩। ବାଣିଜ୍ୟ କହିଲେ ଆମେ କ'ଣ ବୁଝୁ ?

ଉ- ବିଭିନ୍ନ ଦେଶ ମଧ୍ୟରେ ମଣିଷର ପ୍ରୟୋଜନୀୟ ଦ୍ରବ୍ୟମାନଙ୍କର ଆଦାନ ପ୍ରଦାନ ବାଣିଜ୍ୟ କୁହାଯାଏ।

୧୪। ପ୍ରାଣଧାରଣ ପାଇଁ ମନୁଷ୍ୟ କ'ଣ ଲୋଡ଼ିଥାଏ ?

ଉ- ପ୍ରାଣଧାରଣ ପାଇଁ ମଣିଷ ଖାଦ୍ୟ, ପାନୀୟ ଆଦି ଲୋଡ଼ିଥାଏ।

୧୫। କେଉଁ କାରଣ ନିମିତ୍ତ ବସନ ଭୂଷଣ ପ୍ରୟୋଜନ ?

ଉ- ସାମାଜିକତା ଦୃଷ୍ଟିରୁ ଲଜ୍ଜାନିବାରଣ ପାଇଁ ଏବଂ ସୌନ୍ଦର୍ଯ୍ୟ ପ୍ରସାଧନ ପାଇଁ ବସନ ଭୂଷଣ ଏକାନ୍ତ ପ୍ରୟୋଜନ।

**୧୬। ଅଭାବର ଦ୍ୱାର କିପରି ଉନ୍ମୁକ୍ତ ହୁଏ ?**

ଉ– ସୌନ୍ଦର୍ଯ୍ୟପ୍ରିୟତା ଅତିଭୂମି ପ୍ରାପ୍ତ ହୋଇ ବିଳାସିତାର ରୂପଧାରଣ କଲେ ଅଭାବର ଦ୍ୱାର ଉନ୍ମୁକ୍ତ ହୋଇଥାଏ।

**୧୭। ଲୋକେ କିପରି ନିଜର ଅଭାବ ପୂରଣ କରୁଥିଲେ ?**

ଉ– ଆଗରୁ ମୁଦ୍ରା ନ ଥିଲା। ଏଣୁ ଲୋକମାନେ ବିନିମୟ ପ୍ରଣାଳୀରେ ନିଜ ନିଜର ଅଭାବ ପୂରଣ କରୁଥିଲେ।

**୧୮। ଶିଳ୍ପଜାତ ଦ୍ରବ୍ୟ ଦ୍ୱାରା ଆମର କେଉଁ କେଉଁ ପ୍ରୟୋଜନ ସମ୍ପାଦିତ ହୁଏ ?**

ଉ– ଶିଳ୍ପଜାତ ଦ୍ରବ୍ୟ ମାଧ୍ୟମରେ ଆମର ଖାଦ୍ୟ, ବାସସ୍ଥାନ, ବସନଭୂଷଣ, ବିଳାସବ୍ୟସନର ଅନେକ ସାମଗ୍ରୀ ଆମେ ସହଜରେ ପାଇ ପାରୁ।

**୧୯। ବାଷ୍ପୀୟ ଶକଟ ସୁଖସ୍ୱାଚ୍ଛନ୍ଦ୍ୟ ବୃଦ୍ଧି କରିଛି କିପରି ?**

ଉ– ବାଷ୍ପୀୟ ଶକଟ ବାଣିଜ୍ୟ ପାଇଁ ଏକ ଅତ୍ୟାବଶ୍ୟକ ଜାନ। ଏହା ଦ୍ୱାରା ପରିବହନର ପଥ ସୁଗମ ହୁଏ। ମଣିଷ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ଯାଇପାରେ। ଆମ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଆବଶ୍ୟକ ବସ୍ତୁ ଏହାଦ୍ୱାରା ସଂଗ୍ରହ କରାଯାଇଥାଏ।

**୨୦। ମରୁ ପ୍ରଦେଶରେ କାହାକୁ ବାଣିଜ୍ୟ ଯାନ ରୂପେ ବ୍ୟବହାର କରାଯାଏ ?**

ଉ– ମରୁଭୂମିର ଜାହାଜ ହେଉଛି ଓଟ। ତା'ରି ମାଧ୍ୟମରେ ଲୋକେ ଆବଶ୍ୟକ ଦ୍ରବ୍ୟ ନେବା ଆଣିବା କରିପାରନ୍ତି।

**୨୧। ପାର୍ବତ୍ୟ ପ୍ରଦେଶରେ କେଉଁଗୁଡ଼ିକ ଅଧିକ ଉପଯୋଗୀ ଅଟନ୍ତି ?**

ଉ– ପାର୍ବତ୍ୟ ପ୍ରଦେଶରେ ସାଧାରଣତଃ ଲୋକେ ମଇଁଷିକୁ ଅଧିକ କ୍ଷେତ୍ରରେ କାର୍ଯ୍ୟରେ ଲଗାଇଥାନ୍ତି।

**୨୨। ବାଣିଜ୍ୟ କିପରି ସଭ୍ୟ ଜଗତର ନିଜର ପ୍ରଭାବ ବିସ୍ତାରିତ କରେ ?**

ଉ– ଗୋଟିଏ ଦେଶର ଲୋକମାନେ ଜୀବନର ସବୁପ୍ରକାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରନ୍ତି। ଏହା ବାଣିଜ୍ୟ ମାଧ୍ୟମରେ ପୂରଣ ହୋଇପାରେ।

୨୩। ଭାରତର କେଉଁମାନେ ଅଧିକ ବାଣିଜ୍ୟ ପ୍ରିୟ ଥିଲେ ?

ଉ– ଭାରତର ଉପକୂଳ ଅଞ୍ଚଳର ଅଧିବାସୀଗଣ ବାଣିଜ୍ୟ କାରବାର କରୁଥିଲେ। ସେମାନେ ସୁଦୂର ବାଲି, ଜାଭା ଆଦି ଦ୍ୱୀପକୁ ବାଣିଜ୍ୟ କରିବାକୁ ଯାଉଥିଲେ। ସେ ସମୟରେ "ତାମ୍ରଲିପ୍ତ ଓ ଚିଲିକା" ଥିଲା ପ୍ରମୁଖ ବନ୍ଦର।

୨୪। ଭାରତୀୟମାନେ କେଉଁଠାରେ ଉପନିବେଶ ସ୍ଥାପନ କରିଥିଲେ ?

ଉ– ଭାରତୀୟମାନେ ବାଣିଜ୍ୟ କରୁ କରୁ ବାଲି, ଜାଭା ଆଦି ଦ୍ୱୀପମାନଙ୍କରେ ଉପନିବେଶ ସ୍ଥାପନ କରିଥିଲେ।

୨୫। ଉତ୍କଳରେ କେଉଁଠି ମୁଖ୍ୟ ବନ୍ଦର ଥିଲା ?

ଉ– ଓଡ଼ିଶାରେ ଚିଲିକା ଥିଲା ପ୍ରାଚୀନତମ ସମୃଦ୍ଧ ବନ୍ଦର।

୨୬। ପ୍ରାଚୀନ ଜାତିମାନଙ୍କ ମଧ୍ୟରେ କେଉଁମାନେ ବାଣିଜ୍ୟରେ ସିଦ୍ଧଲାଭ କରିଥିଲେ ?

ଉ– ପ୍ରାଚୀନ ଜାତିମାନଙ୍କ ମଧ୍ୟରେ ଫିନିସୀୟ, ଭାରତୀୟ, ଗ୍ରୀସ, ଆମେରିକା, ରୋମୀୟ, ଇଟାଲୀୟମାନେ ବାଣିଜ୍ୟରେ ସିଦ୍ଧିଲାଭ କରିଥିଲେ।

୨୭। ଟ୍ରୟନଗର କେଉଁ ବାଣିଜ୍ୟ କେନ୍ଦ୍ରସ୍ଥଳୀ ଥିଲା ?

ଉ– ଟ୍ରୟନଗର ଫିନିସୀୟ ବାଣିଜ୍ୟର କେନ୍ଦ୍ରସ୍ଥଳୀ ଥିଲା।

୨୮। କାର୍ଥେଜୀୟମାନେ କେଉଁ ମାନଙ୍କର ବଂଶଧର ଥିଲେ ?

ଉ– କାର୍ଥେଜୀୟମାନେ ଫିନିସୀୟମାନଙ୍କର ବଂଶଧର ଥିଲେ।

୨୯। କେଉଁମାନେ ପୋତ ନିର୍ମାଣ ପ୍ରଣାଳୀ ଆଦୌ ଜାଣି ନଥିଲେ ?

ଉ– ଇଟାଲୀୟମାନେ ପୋତ ନିର୍ମାଣ ଶୈଳୀ ଆଦୌ ଜାଣି ନଥିଲେ।

୩୦। ଇଉରୋପର କେଉଁ ନଗରଗୁଡ଼ିକ ଶ୍ରେଷ୍ଠ ବାଣିଜ୍ୟସ୍ଥଳୀ ଥିଲା ?

ଉ– ଫିନିସିଆ, ଟ୍ରୟ, ଆଥେନ୍ସ, ଭେନିସ, ଜେନେଭା ଆଦି ଶ୍ରେଷ୍ଠ ବାଣିଜ୍ୟସ୍ଥଳୀ ରହିଥିଲା।

**୩୧ । ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ବାଣିଜ୍ୟ ରାଜ୍ୟର ସାମ୍ରାଜ୍ଞୀ ଭାବରେ କିଏ ପରିଚିତ ଥିଲା ?**

ଉ– ପଞ୍ଚଦଶ ଶତାବ୍ଦୀରେ ଭିନିସ୍‌ନଗରୀ ବାଣିଜ୍ୟ ରାଜ୍ୟର ସାମ୍ରାଜ୍ଞୀ ଭାବରେ ପରିଚିତ ହୋଇଥିଲା ।

**୩୨ । ଭିନିସୀୟ ଗୃହରେ ପୁତ୍ର ଜନ୍ମଗ୍ରହଣ କଲେ ଜନସାଧାରଣ କ'ଣ କହୁଥିଲେ ?**

ଉ– ଭିନିସୀୟ ଗୃହରେ ପୁତ୍ର ଜନ୍ମ ହେଲେ ଲୋକେ କହୁଥିଲେ ପୃଥିବୀ ପୃଷ୍ଠରେ ଜଣେ କୋଟିପତିର ଆବିର୍ଭାବ୍ ଘଟିଲା ।

## ● ଭାଷାଭିତ୍ତିକ

**୩୩ । ଓଡ଼ିଆରେ ୨୦ଟି ଉପସର୍ଗ ଅଛି । ଏହା ଯୋଗ ହେଲେ ଧାତୁର ଅର୍ଥ ସଂପ୍ରସାରିତ, ସଙ୍କୁଚିତ ବା ବିପରୀତ ହୋଇଥାଏ । ଧାତୁର ପୂର୍ବରୁ ବ୍ୟବହାର ହେତୁ ଉପସର୍ଗ ବା ପୂର୍ବ ପ୍ରତ୍ୟୟ ବୋଲି କୁହାଯାଇଥାଏ ।**

ଉ– ପ୍ର : ପ୍ରବାଦ / ପ୍ରଦାନ / ପ୍ରଚଣ୍ଡ

ପରା : ପରାକ୍ରମ / ପରାଜୟ / ପରାଭାବ

ଅପ : ଅପବାଦ / ଅପମାନ / ଅପହରଣ

ସମ୍ : ସଂସ୍କାର / ସଂଯୋଗ / ସଂକଳନ

ନି : ନିସନ୍ଦେହ / ନିବାରଣ / ନିବୃତ୍ତି

ଅଧି : ଅଧିପତି / ଅଧିକାର / ଅଧିମାସ

ସୁ : ସୁଯୋଗ / ସୁନାମ / ସୁବାସ

ନିର୍/ନିଃ : ନିର୍ମୂଳ / ନିର୍ଣ୍ଣୟ / ନିର୍ଗତ

ଦୁର / ଦୁଃ : ଦୁର୍ଗୁଣ / ଦୁର୍ଗତି / ଦୁର୍ଘଟଣା

ଉତ୍ : ଉତ୍ପାତ / ଉତ୍‌ଥାନ / ଉତ୍‌କ୍ଷେପଣ

ଅତି : ଅତିଶୟ / ଅତିକାୟ / ଅତିକ୍ରମ

ପରି : ପରିପାକ / ପରିତ୍ୟାଗ / ପରିସର

ପ୍ରତି : ପ୍ରତିଦାନ / ପ୍ରତିକାର / ପ୍ରତିଦିନ

ଅବ : ଅବଗତି / ଅବରୋହ / ଅବମାନନା

ଅନୁ : ଅନୁତାପ / ଅନୁରୂପ / ଅନୁମାନ

ବି : ବିଖ୍ୟାତ / ବିରାଗ / ବିବିଧ

ଅଭି : ଅଭିଶାପ / ଅଭିନେତା / ଅଭିନବ

ଅପି : ଅପିଧାନ

ଉପ : ଉପକୂଳ / ଉପଗ୍ରହ / ଉପକରଣ

ଆ : ଆଦାନ / ଆଗମନ / ଆମରଣ

୩୪ । ଧନଜୀବନ = ଧନ ଓ ଜୀବନ

କୀଟପତଙ୍ଗ = କୀଟ ଓ ପତଙ୍ଗ

ଡାଲିଭାତ = ଡାଲି ଓ ଭାତ

ସାନବଡ଼ = ସାନ ଓ ବଡ଼

ଦିନରାତି = ଦିନ ଓ ରାତି

ଜଳବାୟୁ = ଜଳ ଓ ବାୟୁ

ବିଦ୍ୟାବୁଦ୍ଧି = ବିଦ୍ୟା ଓ ବୁଦ୍ଧି

ବିକାକିଣା = ବିକା ଓ କିଣା

ପିତାମାତା = ପିତା ଓ ମାତା

କଳାଧଳା = କଳା ଓ ଧଳା

(ଏସବୁ ଦ୍ୱନ୍ଦ ସମାସର ଅନ୍ତର୍ଭୁକ୍ତ ।)

୩୫ । ଯାହାର କ୍ଷମତା ଅଛି = କ୍ଷମତାଶାଳୀ / କ୍ଷମତାବାନ

ଯାହାର ଶକ୍ତି ଅଛି = ଶକ୍ତିଶାଳୀ / ଶକ୍ତିମାନ

ଯାହାର ବଳ ଅଛି = ବଳଶାଳୀ / ବଳବାନ

ଯାହାର ଧନ ଅଛି = ଧନଶାଳୀ / ଧନବାନ / ଧନୀ

୩୬ । ପୁନଃ + ଅପି = ପୁନରପି

ନିଃ + ପାପ = ନିଷ୍ପାପ

ତିରଃ + କାର = ତିରସ୍କାର

ପୁରଃ + କାର = ପୁରସ୍କାର

୩୭ । (କ) ଯାତ୍ରୀମାନେ ପୁରୀ ଯିବେ । (ପ୍ରଥମା ବିଭକ୍ତି)

(ଖ) ମୁଁ ତାଙ୍କୁ ଭଲ ବୋଲି ଜାଣିଥିଲି । (ପ୍ରଥମା ବିଭକ୍ତି)

(ଗ) ପିଲାମାନେ ଆମ୍ବ କିଣୁଛନ୍ତି । (ଦ୍ୱିତୀୟା ବିଭକ୍ତି)

(ଘ) ଘରକୁ ଘର ଲାଗିଛି । (ଦ୍ୱିତୀୟା ବିଭକ୍ତି)

(ଙ) ଟଙ୍କାକୁ କିଲେ ବିଲାତି ବାଇଗଣ । (ଦ୍ୱିତୀୟା ବିଭକ୍ତି)

(ଚ) ପିଲାଏ କଲମରେ ଲେଖନ୍ତି । (ତୃତୀୟା ବିଭକ୍ତି)

(ଛ) ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (ତୃତୀୟା ବିଭକ୍ତି)

(ଜ) ସେ ଭୋକରେ ଆଉଟୁ ପାଉଟୁ ହେଉଛି । (ତୃତୀୟା ବିଭକ୍ତି)

(ଝ) ସେ ମୋଠୁ ବୟସରେ ସାନ । (ଦ୍ୱିତୀୟା ବିଭକ୍ତି)

(ଞ) ଦରିଦ୍ରକୁ ଅର୍ଥଦାନ କର । (ଦ୍ୱିତୀୟା ବିଭକ୍ତି)

(ଟ) ଗଛରୁ ପତ୍ର ପଡ଼ିଲା । (ପଞ୍ଚମୀ ବିଭକ୍ତି)

(ଠ) ପିଲାଟିକୁ ବିପଦରୁ ରକ୍ଷା କର । (ପଞ୍ଚମୀ ବିଭକ୍ତି)

(ଡ) ସାଗରର ଜଳ ଲବଣାକ୍ତ । (ଷଷ୍ଠୀ ବିଭକ୍ତି)

(ଢ) ଏ ପିଲାମାନଙ୍କ ମଧ୍ୟରେ କୈବଲ୍ୟ ସରସ । (ସପ୍ତମୀ ବିଭକ୍ତି)

(ଣ) ପଡ଼ିଆରେ ପିଲାଏ ଖେଳୁଥିଲେ । (ସପ୍ତମୀ ବିଭକ୍ତି)

୩୮ । ବନ୍ୟାରୁ ରକ୍ଷା ପାଇବା ଲାଗି ଲୋକେ ଆକୁଳ ହେଉଛନ୍ତି । (ରକ୍ଷାଯୋଗେ ପଞ୍ଚମୀ)

ସଭାପତି ପିଲାମାନଙ୍କୁ ପୁରସ୍କାର ଦେଲେ । (ସଂପ୍ରଦାନେ ଚତୁର୍ଥୀ)

ବାଟୋଇର ଗଳା ଶୋଷରେ ଶୁଖିଗଲାଣି । (ହେତୁ ଅର୍ଥେ ତୃତୀୟା)

ପିଲାଏ ସ୍କୁଲରୁ ଫେରୁଛନ୍ତି । (ପଞ୍ଚମୀ)

ଧୀରେ ପଢ଼ । (ତୃତୀୟା ବିଭକ୍ତି)

ତାଙ୍କୁ ପଣ୍ଡିତ ବୋଲି କିଏ ନ ଜାଣେ ? (ପ୍ରଥମା ବିଭକ୍ତି)